# ଜିଲ୍ଲା କାର୍ଯ୍ୟାଳୟ : ବରଗଡ଼

## (ସମାଜ ମଙ୍ଗଳ ବିଭାଗ)

ବିଜ୍ଞପ୍ତି ସଂଖ୍ୟା ୧୪୦୩ ତା : ୧୩.୦៦.୧୯

### ଠିକା ପ୍ରସ୍ତାବ ବିଜ୍ଞପ୍ତି

୨୦୧୯-୨୦ ଆର୍ଥିକ ବର୍ଷରେ ବରଗଡ଼ ଜିଲ୍ଲାପାଇଁ ଗହମ ଭିତ୍ତିକ ପୁଷ୍ଟିସାଧନ ଯୋଜନା ମାଧ୍ୟମରେ ଗହମ ଓ ଚାଉଳ ତଥା କିଶୋରିବାଳିକ କାର୍ଯ୍ୟ ସୂଚୀ ପାଇଁ ଗହମ ଶସ୍ୟ ପରିବହନ ସକାଶେ ଇଚ୍ଛୁକ ବ୍ୟକ୍ତି / ବଣିକ ଦଳ / ନିଗମ ନିକାୟ / ବ୍ୟବସାୟ ପ୍ରତିଷ୍ଠାନ ଯାହାଙ୍କର ଓଡିଶା ମୋଟର ଯାନ ( କାର୍ଯ୍ୟ ପରିଚାଳନା ଅନୁମତି ) ଅଧିନିୟମ ୧୯୯୦ ଅନୁଯାୟୀ ବୈଧ ପ୍ରମାଣ ପାତ୍ର ଥିବ ଓ ଦ୍ରବ୍ୟ ଏବଂ ସେବା କର (GST) ଅଧିନିୟମ ଅନୁସାରେ ତାଲିକାଭୁକ୍ତ ହୋଇଥିବେ , ସେମାନଙ୍କ ଠାରୁ ନିର୍ଧାରିତ ଠିକା ଫାରମ ଜରିଆରେ ଜଉମୁଦ ଠିକା ପ୍ରସ୍ତାବ ଆମନ୍ତ୍ରଣ କରାଯାଉଛି । ଠିକା ପ୍ରସ୍ତାବ ଜନିତ ସମ୍ପୂର୍ଣ୍ଣ ବିବରଣୀ ଯଥା ସର୍ତ୍ତ ଓ ନିୟମ, ବଏନା ଜମା , ସଂଗତି ସମ୍ପର୍ନତା ପ୍ରମାଣପତ୍ର ,ବୈଧାନିକ ଆବଶ୍ୟକତା ଇତ୍ୟାଦି ଉପରେ ପର୍ଯ୍ୟବେଶିତ ଠିକା ପ୍ରସ୍ତାବ କାଗଜାତ ଜିଲ୍ଲା ୱେବସାଇଟ www.bargarh.nic.in ରେ ଉପଲବ୍ଧ ଅଟେ, ତାହା ସେଠାରୁ ସଂଗ୍ରହ କରିହେବ । ଠିକା ପ୍ରସ୍ତାବ ସହିତ ଠିକ ପ୍ରସ୍ତାବ ଦେୟ ବାବଦକୁ ଅନାଦେୟ ୫୦୦୦ ଟଙ୍କା (ଅକ୍ଷରାଙ୍କେ ପାଞ୍ଚ ହଜାର ଟଙ୍କା) ମାତ୍ର ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଦେୟ ଧନା ଦେଶ / ଦର୍ଶନୀ ହୁଣ୍ଡି ଦାଖଲ କରିବାକୁ ପଡିବ। ଆବେଦନକାରୀ ସମସ୍ତ ପ୍ରକାରେ ସମ୍ପୂର୍ଣ୍ଣ ଠିକା ପ୍ରସ୍ତାବ ଏବଂ ତତ ସମନ୍ଧୀୟ ଅନ୍ୟାନ ଆବଶ୍ୟକୀୟ ଦସ୍ତାବିଜ ଥିବା ଜଉମୁଦ ଲଫାଫାକୁ ଜିଲ୍ଲା ସମାଜ ମଙ୍ଗଲ ଅଧିକାରୀ ଙ୍କ କର୍ଜୟାଳୟରେ ଥିବା ସ୍ୱତନ୍ତ୍ର ଠିକା ପ୍ରସ୍ତାବ ବାକ୍ସରେ ତା. ୦୨.୦୭. ୨୦୧୯ ସନ୍ଧ୍ୟା ୫.୦୦ ସୁଦ୍ଧା ଦାଖଲ କରିପାରିବେ। ଠିକା ପ୍ରସ୍ତାବ ଗୁଡିକ ତା. ୦୩.୦୭.୨୦୧୯ ଦିନ ଦିବା ୧୧.୩୦ ଘଟିକା . ସମୟରେ ଜିଲ୍ଲାପାଳ ବରଗଡ଼ ଙ୍କ ଦ୍ୱାରା ଠିକ ପ୍ରସ୍ତାବ କମିଟିର ସଦସ୍ୟ ଗଣ ତଥା ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ଉପସ୍ଥିତିରେ ଖୋଲାଯାଇ ତନଖ୍ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ ବା ଧାର୍ଯ୍ୟ ଗ୍ରହଣୀଯ ବ୍ୟବସ୍ଥା ବ୍ୟତିରେକ ଅନ୍ୟ ଉପାୟରେ ଦାଖଲ କରାଯାଇଥିବା ଠିକା ପ୍ରସ୍ତାବ ଗୁଡିକୁ ଠିକା ପ୍ରକୀୟରେ ବିଚାରକୁ ନିଯା ନ ଯାଇ ଖାରଜ କରିଦିଆଯିବ ।

ଠିକା ପ୍ରସ୍ତାବ ଦସ୍ତାବିଜରେ ଯାହା କିଛି ଉଲ୍ଲେଖ ଥାଉ ନ କାହିଁକି ଜିଲ୍ଲାପାଳ ବରଗଡ଼ ଙ୍କ ପାଖରେ ଯେ କୌଣସି ସମଯରେ ଠିକା ପ୍ରସ୍ତାବ ଗୁଡିକୁ କୌଣସି କାରଣ ଉଲ୍ଲେଖ ନ କରି ଆଂଶିକ ବା ସମ୍ପୂର୍ଣ୍ଣ ରୂପେ ସଂଶୋଧନ କିମ୍ବା ରଦ୍ଦ କରିବାର କ୍ଷମତା ରହିଅଛି ।

ଏଣୁ ଜିଲ୍ଲାପାଳ, ବରଗଡ଼ଙ୍କ ଦ୍ୱାରା ସ୍ବାକ୍ଷରିତ ଇଂରାଜୀ ବିଜ୍ଞପ୍ତି ସଂଖ୍ୟା ୧୫୦୩ / ତା. ୧୩.୦୬.୨୦୧୯ର ଅବିକଳ ଓଡିଆ ବିଜ୍ଞପ୍ତିକୁ ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,
ବରଗଡ଼

ପରିପତ୍ର ସଂଖ୍ୟା ୧୪୦୪ ତା. ୧୩.୦៦.୧୯

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ବରଗଡଙ୍କ ଅବଗତି ତଥା ଜିଲ୍ଲା ୱେବସାଇଟ ରେ ଉପଲବ୍ଧ କରିବା ନିମନ୍ତେ ଅନୁରୋଧ କରାଗଲା।

ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,
ବରଗଡ଼